# ଓଡ଼ିଶା ବିଧାନସଭା

## ଷଷ୍ଠ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୪ ଫେବୃଆରୀ ୨୦୨୬

----

[ପଞ୍ଚାୟତିରାଜ ଓ ପାନୀୟ ଜଳ - ଗୃହ ନିର୍ମାଣ ଓ ନଗର ଉନ୍ନୟନ - ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ - ଗ୍ରାମ୍ୟ ଉନ୍ନୟନ - ସରକାରୀ ଉଦ୍ୟୋଗ - ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ].

ମୋଟ ପ୍ରଶ୍ନର ସଂଖ୍ୟା 30

----

### କାର୍ଯ୍ୟକ୍ଷମ ଥିବା ପାନୀୟ ଜଳ ପ୍ରକଳ୍ପ

***151 ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବର୍ତ୍ତମାନ ସୁଦ୍ଧା ରାଜ୍ୟରେ କେତେ ଗୋଟି ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଅଛି ଏବଂ କେତୋଟି ନିର୍ମାଣଧୀନ ଅଛି, ଏହା କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବ ଏବଂ ଆଉ କେତୋଟି ପ୍ରକଳ୍ପ କାର୍ଯ୍ୟକାରୀ କରିବାର ଯୋଜନା ସରକାରଙ୍କର ଅଛି ; ଏହାର ଏକ ଜିଲ୍ଲାୱାରୀ ସମ୍ପୂର୍ଣ୍ଣ ବିବରଣୀ ସରକାର ଦେବେ କି ?

----

### ଡ୍ରେନେଜ୍ ପ୍ରଣାଳୀର ଉନ୍ନତି

***152 ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଦୀର୍ଘଦିନ ଧରି ଚାଲୁଥିବା ଗମ୍ଭୀର ଡ୍ରେନେଜ୍ ସମସ୍ୟା ନିମନ୍ତେ ସ୍ଥାନୀୟ ଲୋକଙ୍କ ଦୁର୍ଭାଗ୍ୟ ଦିନକୁ ଦିନ ବୃଦ୍ଧି ପାଉଛି, ଏହା ଡ୍ରେନେଜ୍ ପ୍ରଣାଳୀର ସମ୍ୱଳିତ ଉନ୍ନତି ପାଇଁ ସରକାର ଦ୍ୱାରା କେଉଁ କେଉଁ ବିଶେଷ ଅନୁଦାନ ଆବଣ୍ଟନ କରାଯାଇଛି କି, ଯଦି ହଁ, ସେହି ପ୍ରକଳ୍ପଗୁଡ଼ିକ କେବେ ସୁଦ୍ଧା କାର୍ଯ୍ୟକାରି ହେବ, ଯଦି ନା, ତେବେ ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ପ୍ରତି ସରକାର ବିଶେଷ ଧ୍ୟାନ ଦେଇ ଶୀଘ୍ର ସଂପର୍କିତ ପଦକ୍ଷେପ ଗ୍ରହଣ କରିବେ କି ?

----

## ଜନବସତି ଗୁଡିକୁ ହିଂସ୍ର ଜନ୍ତୁ ଉପଦ୍ରବରୁ ରକ୍ଷା କରିବା

***153 ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଙ୍ଗଲ ସନିକଟ ଜନବସତିଗୁଡିକୁ ହାତୀ ଓ ଅନ୍ୟାନ୍ୟ ହିଂସ୍ର ଜନ୍ତୁ ଉପଦ୍ରବରୁ ରକ୍ଷା କରିବା ପାଇଁ ସରକାରଙ୍କର ଯୋଜନା କ'ଣ, 2024-25 ଠାରୁ ଅଦ୍ୟାବଧି କେଉଁଝର ଜିଲ୍ଲାର ବନଖଣ୍ଡ ଗୁଡିକରେ କେତେ ହାତୀ ଓ ଅନ୍ୟ ବନ୍ୟଜନ୍ତୁ ପ୍ରାଣ ହରାଇଥିବା ସଙ୍ଗେ ସଙ୍ଗେ କେତେ ଜଣ ଲୋକ ହାତୀ ଓ ବନ୍ୟଜନ୍ତୁ ପାଇଁ ପ୍ରାଣ ହରାଇଛନ୍ତି, କେତେ ବାସ ଗୃହ ନଷ୍ଟ ହୋଇଛି ଓ କେତେ ଫସଲ ଜମି ନଷ୍ଟ ହୋଇଛି, ବନଖଣ୍ଡ ୱାରୀ ଲୋକମାନଙ୍କ ନାମ ଓ ଠିକଣା ଏବଂ କ୍ଷୟକ୍ଷତିର ଏକ ତାଲିକା ପ୍ରଦାନ କରିବେ କି, ଏ ବାବଦରେ କେତେ ଅର୍ଥ କ୍ଷତି ପୂରଣ ଦିଆଯାଇଛି ବା ଦେବା ପାଇଁ ବାକି ଅଛି?

----

## ସବୁଦିନିଆ ପକ୍କାରାସ୍ତା ନିର୍ମାଣ

***154 ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା' (MMSY) ଅଧୀନରେ ପ୍ରତାପ ନଗରୀ, ଅର୍ଥାଙ୍ଗା, କନ୍ଦରପୁର ଏବଂ କିଶୋର ନଗର ଦେଇ ଯାଇଥିବା ମା' ଧକୁଲେଇ ପୀଠ ନେମାଳ ପୀଠ ନେମାଳ ପୀଠ ରାସ୍ତାର ଉନ୍ନତିକରଣ କିମ୍ୱା ସମ୍ପ୍ରସାରଣ କରିବା ପାଇଁ ପ୍ରସ୍ତାବ ରଖିଛନ୍ତି କି; ଯଦି ହଁ, ତେବେ ଏହି ପ୍ରକଳ୍ପ ପାଇଁ ପ୍ରସ୍ତାବିତ ସମୟସୀମା ଏବଂ ପାଣ୍ଠି ବରାଦ କେତେ; ଯଦି ନୁହେଁ, ତେବେ ଏହି ରାସ୍ତାକୁ ଉକ୍ତ ଯୋଜନାରୁ ବାଦ୍ ଦିଆଯିବାର କାରଣ କଣ ଏବଂ ଏହି ଅଞ୍ଚଳଗୁଡିକରେ ସବୁଦିନିଆ ପକ୍କା ରାସ୍ତା ସଂଯୋଗୀକରଣ ନିଶ୍ଚିତ କରିବା ପାଇଁ ସରକାରଙ୍କ ପାଖରେ ଅନ୍ୟ କେଉଁ ବିକଳ୍ପ ଯୋଜନା ରହିଛି ?

----

## ସାଧାରଣ ଉଦ୍ୟୋଗରେ କାର୍ଯ୍ୟରତ ନିର୍ଦ୍ଦେଶକମାନଙ୍କର ଅବସର ବୟସ ବୃଦ୍ଧି

***155 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶା ସରକାର ଗଠନ କରିଥିବା ସାଧାରଣ ଉଦ୍ୟୋଗଗୁଡିକର ପରିଚାଳନା ମଣ୍ଡଳୀରେ ନିଯୁକ୍ତି ପାଇଥିବା କାର୍ଯ୍ୟନିର୍ବାହୀ ଓ ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଅବସର ବୟସ ସୀମା କେତେ ; କେନ୍ଦ୍ର ସରକାରଙ୍କ ସାଧାରଣ ଉଦ୍ୟୋଗ ବିଭାଗ ସେଥିପାଇଁ କେତେ ବୟସସୀମା ଧାର୍ଯ୍ୟ କରିଛନ୍ତି ; ଓଡିଶାର ସାଧାରଣ ଉଦ୍ୟୋଗରେ କାର୍ଯ୍ୟରତ ନିର୍ଦ୍ଦେଶକ ମାନଙ୍କର ଅବସର ବୟସସୀମାକୁ ବୃଦ୍ଧି କରିବା ପାଇଁ ଓଡିଶା ସରକାର କାହାକୁ କ୍ଷମତା ଦେଇଛନ୍ତି ; ସେହିପରି କେନ୍ଦ୍ରୀୟ ଉଦ୍ୟୋଗର ନିର୍ଦ୍ଦେଶକଙ୍କ ବୟସସୀମା ବୃଦ୍ଧି ପାଇଁ କେନ୍ଦ୍ର ସରକାର କାହାକୁ କ୍ଷମତା ପ୍ରଦାନ କରିଛନ୍ତି ; ଶକ୍ତି କ୍ଷେତ୍ରରେ କାର୍ଯ୍ୟକ୍ଷମ ସାଧାରଣ ଉଦ୍ୟୋଗଗୁଡିକରେ ନିଯୁକ୍ତି ପାଇଥିବା ନିର୍ଦ୍ଦେଶକମାନଙ୍କର ଅବସର ବୟସସୀମାକୁ ୬୦ ବର୍ଷରୁ ୬୫ ବର୍ଷକୁ ବୃଦ୍ଧି କରାଯାଇଛି କି ; ଯଦି କରାଯାଇଛି ତେବେ କିଏ କରିଛନ୍ତି ; ଡବଲ ଇଞ୍ଜିନ ଓଡିଶା ସରକାର ସଙ୍ଘୀୟ ସାଧାରଣ ଉଦ୍ୟୋଗ ଶାସନ ବ୍ୟବସ୍ଥାକୁ ଗ୍ରହଣ କରିବେ କି?

----

## ପଞ୍ଜିକୃତ ପ୍ରବାସୀ ଶ୍ରମିକ

*156 **ଶ୍ରୀ ସିଦ୍ଧାନ୍ତ ମହାପାତ୍ର (ଦିଗପହଣ୍ଡି):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେତେ ସଂଖ୍ୟକ ପଞ୍ଜିକୃତ ପ୍ରବାସୀ ଶ୍ରମିକ ଅଛନ୍ତି ଏବଂ ଅଣପଞ୍ଜୀକୃତ ପ୍ରବାସୀ ଶ୍ରମିକ ମାନଙ୍କୁ ପଞ୍ଜିକୃତ କରାଇବାରେ ସରକାର କଣ ପଦକ୍ଷେପ ନେଉଛନ୍ତି, ସୂଚନା ଥାଉକି ଯେ କିଛି ଶ୍ରମିକ ପଞ୍ଜିକୃତ ନ ହୋଇ ରାଜ୍ୟ ବାହାରେ କିଛି ଆପତ୍ତିକାଳୀନ ପରିସ୍ଥିତିର ସମ୍ମୁଖୀନ ହେଲେ ସରକାରଙ୍କ ତରଫରୁ ସାହାର୍ଯ୍ୟ ପାଇବାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ଏହି ପରିପ୍ରେକ୍ଷୀରେ ସେମାନଙ୍କୁ ଚିହ୍ନଟ କରିବା ଏବଂ ପଞ୍ଜିକୃତ କରାଇବା ପାଇଁ ବିଭାଗ କଣ ବ୍ୟବସ୍ଥା କରୁଛନ୍ତି ?

----

## ଆବାସ ଗୃହର ମୂଲ୍ୟ ବୃଦ୍ଧି

*157 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗ୍ରାମାଞ୍ଚଳର ଗରିବ ହିତାକାରୀଙ୍କୁ ବର୍ତ୍ତମାନ ଠାବ କରି ଆବାସ ଯୋଜନାରେ କେତେ ବର୍ଗ ଫୁଟର ଗୃହ ନିର୍ମାଣ ପାଇଁ କେତେ ଟଙ୍କା ପ୍ରଦାନ କରାଯାଉଛି ଓ କେତେ ଟଙ୍କା ପ୍ରଦାନ କରାଯାଉଥିଲା; ପ୍ରତ୍ୟେକ ଉପକରଣ ଯଥା- ବାଲି, ସିମେଣ୍ଟ, ଚିହ୍ନ, ରଡ, ରଙ୍ଗ, ଦୈନିକ ଗୃହନିର୍ମାଣ ମଜୁରି ଇତ୍ୟାଦିରେ ବୃଦ୍ଧି ଫଳରେ ଉକ୍ତ ପ୍ରତ୍ୟେକ ଗୃହର ଥିବା ବର୍ଦ୍ଧିତ ମୂଲ୍ୟଠାରୁ ପ୍ରଚଳିତ ପ୍ରତ୍ୟେକ ଆବାସ ଗୃହର ବୃଦ୍ଧି ମୂଲ୍ୟ ଆକାଶଛୁଆଁ ଥିଲାବେଳେ ଆବାସ ଗୃହର ମୂଲ୍ୟ ହ୍ରାସ କରିବା ଫଳରେ ଯୋଜନାର ଉପାଦେୟତା ସଠିକଭାବେ କାର୍ଯ୍ୟରେ ଆସିପାରୁନାହିଁ; ବର୍ତ୍ତମାନ ନିର୍ମାଣ ବାବଦକୁ ଦିଆଯାଉଥିବା ମୂଲ୍ୟକୁ ପୂର୍ବରୁ ଦିଆଯାଉଥିବା ଗୃହ ତିଆରି ଉପକରଣର ବଜାର ମୂଲ୍ୟକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଆବାସ ଗୃହର ବୃଦ୍ଧି କରିବେ କି ?

----

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ କରିବାର ସମସ୍ୟା

***158 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ରାପଡା ମ୍ୟୁନିସିପାଲଟିରେ କେତେଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ (ସହର) ଯୋଜନାରେ ଘର ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ଦିଆଯାଇଛି ଓ ତନ୍ମଧ୍ୟରୁ ପଟ୍ଟା ଥାଇ ଦଖଲ ନଥିବାରୁ ସେହି ହିତାଧିକାରୀମାନେ ଘର ନିର୍ମାଣ କରିବାରେ ସମସ୍ୟାର ସମ୍ମୁଖୀନ ହେଉଥିବା ସତ୍ୟ କି ; ଯଦି ହଁ, ତେବେ ସମସ୍ୟାର ସମାଧାନ ନିମନ୍ତେ କି କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଫ୍ଲାଏ ଆସ୍ ଚାଲାଣ ଦ୍ୱାରା ଫାଇନ୍ ଆଦାୟ

***159 ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁନ୍ଦରଗଡ ଜିଲ୍ଲା ରେ ବର୍ତ୍ତମାନ ଫ୍ଲାଏ ଅସ୍ ର ମାଫିଆ ମାତିଛନ୍ତି ଓ ସୁନ୍ଦରଗଡ଼ ଜିଲ୍ଲାର ପ୍ରାୟ ସମସ୍ତ ଚାଷ ଜମିରେ ମାଫିଆ ମାନେ ଲୁଚାଇକି ଫ୍ଲାଏ ଅସ୍ ପକାଉଛନ୍ତି, ଯାହାଫଳରେ ଚାଷ ଜମି ଗୁଡିକ ନଷ୍ଟ ହେଉଛି, ଜନବସତିକୁ ନିକଟସ୍ଥ ଖାଲି ସ୍ଥାନରେ ,ରାସ୍ତା କଡ଼ରେ ବେଆଇନ ଭାବେ ଫ୍ଲାଏ ଅସ୍ ପାଉଥିବାରୁ ପ୍ରଦୂଷଣ ର ମାତ୍ରା ବଢିବାରେ ଲାଗିଛିଞ୍ଚ ସରକାର ଏହି ବିଷୟ କୁ ଗୁରୁତର ସହିତ ନେଇ ଏହି ବେଆଇନ ଫ୍ଲାଏ ଅସ୍ ଚାଲାଣ ରୋକିବାକୁ କିଛି ଦୃଢ ପଦକ୍ଷେପ ନେବେ କି, ଏବେ ପର୍ଯ୍ୟନ୍ତ କେତୋଟି କମ୍ପାନୀକୁ ଫ୍ଲାଏ ଆସ୍ ପାଇଁ ସରକାର କେତେ ଟଙ୍କା ଫାଇନ ପକାଇଛନ୍ତି ଏବଂ ଫ୍ଲାଏ ଅସ୍ ଚାଲାଣ ବେଳେ କେତୋଟି ଗାଡ଼ି କୁ ଧରି ଫାଇନ କରାଯାଇଛି, ଏବଂ ସର୍ବାଧିକ କେତେ ଫାଇନ୍ କରାଯାଇଛି ?

----

## New Road constructed in Patkura

***160 ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- How many new roads have been constructed in Patkura constituency in the FY 2024-25 till date; How many RD roads have been repaired/renovated in the aforesaid two years; Will the Government furnish of new roads, repair and of renovation of existing roads, including amount sanctioned , name of the project implementing agencies/ contractors and status there of ?

----

## ଲାଭରେ ଚାଲୁଥିବା ସରକାରୀ ଉଦ୍ୟୋଗ

***161 ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ସରକାରୀ ଉଦ୍ୟୋଗ ଲାଭରେ ଚାଲୁଛି ଏହିସବୁ ଉଦ୍ୟୋଗର ନାମ ପ୍ରକାଶ ସହିତ ଏଠାରେ କେତେ ସଖ୍ୟକ ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି ଏବଂ ବର୍ତ୍ତମାନ ଏହିସବୁ ପଦବୀରେ କେତେ ସଂଖ୍ୟକ କର୍ମଚାରୀ କାର୍ଯ୍ୟ କରୁଛନ୍ତି ତାହାର ଏକ ଉଦ୍ୟୋଗୱାରୀ ତାଲିକା ଦେବା ସହିତ କେଉଁ ସରକାରୀ ଉଦ୍ୟୋଗରେ କେତେ ସଂଖ୍ୟକ ଆଉଟସୋସିଂ କର୍ମଚାରୀ କର୍ଯ୍ୟରତ ଅଛନ୍ତି ତାହାର ଏକ ତାଲିକା ପ୍ରଦାନ କରିବେ କି ?

----

## ବାହାର ରାଜ୍ୟକୁ ଦାଦନ ଯିବା ପାଇଁ ନିତିନିୟମ

*162 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଦାଦନ ପ୍ରବଣ ବଲାଙ୍ଗିର ଜିଲ୍ଲା, ନୁଆପଡା ଜିଲ୍ଲା, କଳାହାଣ୍ଡି ଜିଲ୍ଲା, ବରଗଡ ଜିଲ୍ଲାର ୨୦୧୦ରୁ ଆଜି ପର୍ଯ୍ୟନ୍ତ ମୋଟ କେତେ ଲେବର ସର୍ଦ୍ଦାର, ଦାଦନ ଶ୍ରମିକ ମାନଙ୍କୁ ନେବା ପାଇଁ ନିଜର ନାଁ Registration କରିଛନ୍ତି, ଏହି ଲେବର ସର୍ଦ୍ଦାରଙ୍କ ନାଁ ଏବଂ ଠିକଣା (Address) ସହ ଗୋଟିଏ ତାଲିକା ପ୍ରଦାନ କରିବେ କି, (ଖ) ଏହି ଚାରି ଜିଲ୍ଲାରୁ ପ୍ରତି ବର୍ଷ ଏହି ଲେବର ସର୍ଦ୍ଦାର ମାନଙ୍କ ଦ୍ୱାରା କେତେ ଶ୍ରମିକ ଚାଲାଣ ହେଉଛନ୍ତି ଏହାର ଗୋଟିଏ ଜିଲ୍ଲା ୱାରି ତାଲିକା ପ୍ରଦାନ କରିବେ କି, ଲେବର ମାନଙ୍କୁ ବାହାର ରାଜ୍ୟ ନେବା ପାଇଁ ସରକାରଙ୍କ ନିତି ନିୟମ କ'ଣ ?

----

## ଉଦଘାଟିତ ହୋଇଥିବା ବୃହତ ଜଳ ଯୋଗାଣ ପ୍ରକଳ୍ପ

*163 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସମ୍ବଲପୁର ପାଇଁ ୪୫୧ କୋଟି ଟଙ୍କାର ଏକ ବୃହତ ଜଳ ଯୋଗାଣ ପ୍ରକଳ୍ପ ଉଦଘାଟିତ ହୋଇଛି କିନ୍ତୁ ଏଥିରୁ ରେଙ୍ଗାଲି ଏବଂ ଧନକଉଡା ବ୍ଲକର ଗ୍ରାମାଞ୍ଚଳଗୁଡ଼ିକ, ଯେଉଁଠାରେ ଭୂତଳ ଜଳସ୍ତର ହ୍ରାସ ପାଉଛି, ସେମାନେ କେତେ ପରିମାଣରେ ଉପକୃତ ହେଉଛନ୍ତି, ଜଳ ପ୍ରଦୂଷଣ ସମସ୍ୟା: ରେଙ୍ଗାଲିର ଅନେକ ଅଞ୍ଚଳରେ ପାନୀୟ ଜଳରେ ଲୌହ (Iron) ଏବଂ ଫ୍ଲୋରାଇଡ୍ (Fluoride) ପରିମାଣ ଅଧିକ ରହୁଛି, ଏହାର ମୁକାବିଲା ପାଇଁ ବିଭାଗ କେଉଁ ନିର୍ଦ୍ଦିଷ୍ଟ ପଦକ୍ଷେପ ନେଉଛି ?

----

## ପୁରୀ ମ୍ୟୁନିସିପାଲିଟିରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀ

*164 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ମ୍ୟୁନିସିପାଲିଟି ଯାହା ଏବେ ମହାନଗର ନିଗମରେ ପରିଣତ ହୋଇଛି ସେଠାରେ ସମୁଦାୟ କେତେଜଣ ସ୍ଥାୟୀ କର୍ମଚାରୀ ଓ କେତେଜଣ ଅସ୍ଥାୟୀ କର୍ମଚାରୀ ଅଛନ୍ତି ଏବଂ କିଏ କେଉଁ କାର୍ଯ୍ୟରେ ନିଯୁକ୍ତ ହୋଇଛନ୍ତି, କେଉଁ ସ୍ଥାୟୀ କର୍ମଚାରୀ ତିନି ବର୍ଷରୁ ଉର୍ଦ୍ଧ୍ୱ ଗୋଟିଏ ବିଭାଗରେ କାର୍ଯ୍ୟ କରିଆସୁଛନ୍ତି ଓ ବିଶେଷ କରି Revenue ବିଭାଗ, Development ବିଭାଗ ଓ Enforcement ବିଭାଗରେ କେଉଁ କେଉଁ କର୍ମଚାରୀ କେଉଁ କେଉଁ ଦାୟିତ୍ୱରେ ଏବଂ କେତେ ବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି ସଂପୁର୍ଣ୍ଣ ବିବରଣୀ ଦେବେ କି?

----

## ଭୁବନେଶ୍ୱର City ରେ Air Quality ସ୍ତର

*165 **ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱର City ରେ Air Quality କେଉଁ ସ୍ତରରେ ଅଛି, ପତ୍ର ପତ୍ରିକାରେ ବାହାରୁଥିବା ବିଷୟ ଯଥା ଭୁବନେଶ୍ୱର City ର Air Quality ଦିଲ୍ଲୀ City (NCR) ଠାରୁ ମଧ୍ୟ ନିମ୍ନ ସ୍ତରରେ ଥିବା ଖବର ସତ୍ୟ କି, ଯଦି ଉତ୍ତର ହଁ ହୁଏ, ସରକାର Air Purifier ଲଗେଇ ଉକ୍ତ ବିଷୟରେ ଚିନ୍ତା ପ୍ରକଟ କରିବେ କି ?

----

## ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ନ ସାରିବା

*166 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ଆର୍ଥିକ ବର୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ ଯୋଜନା ଅଧୀନରେ ବଡ଼ଚଣା ନିର୍ବାଚନ ମଣ୍ଡଳୀ ନିମନ୍ତେ କେତୋଟି ପ୍ରକଳ୍ପ ପାଇଁ କେତେ ଅର୍ଥ ଆବଣ୍ଟନ କରାଯାଇଛି, (କ) ଚଳିତ ମାସ ୯ ତାରିଖ ସୁଦ୍ଧା ସେହି ଅନୁଦାନରୁ କେତେ ପ୍ରତିଶତ ଅର୍ଥ ବ୍ୟୟ ହୋଇଛି ଏବଂ କେତୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି, (ଯୋଜନାୱାରୀ ସୂଚନା ପ୍ରଦାନ କରିବେ କି, (ଖ) ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟ ସାରିନଥିବା ଠିକାଦାରଙ୍କ ବିରୋଧରେ ବିଭାଗ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ?

----

## ଶ୍ରମିକ ମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ

*167 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ଆର୍ଥିକ (2025-26) ବର୍ଷରେ ପାଟଣା ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ବିଭାଗ ପକ୍ଷରୁ କେତେ ଜଣ ଶ୍ରମିକ ଯୋଜନାରେ ସାମିଲ ହୋଇଛନ୍ତି ଓ କେତେ ଜଣଙ୍କୁ କଣ କଣ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି ତାର ପଞ୍ଚାୟତ ୱାରୀ ଓ ନାମ ୱାରି ତାଲିକା ପ୍ରଦାନ କରିବେ କି, ସରକାରଙ୍କ ପକ୍ଷରୁ ଶ୍ରମିକ ମାନଙ୍କୁ କେଉଁ କେଉଁ ପ୍ରକାରର ସୁବିଧା ସୁଯୋଗ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି ?

----

## ସମସ୍ତ ଗ୍ରାମକୁ ରାସ୍ତା ନିର୍ମାଣ

*168 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡ଼ା ଜିଲ୍ଲାରେ କେତୋଟି ଗ୍ରାମକୁ ପାଦଚଲା ରାସ୍ତା ନାହିଁ, କେତୋଟି ଗ୍ରାମକୁ କଚ୍ଚା ରାସ୍ତା ନାହିଁ, କେତୋଟି ଗ୍ରାମକୁ ପକ୍କା ରାସ୍ତା ନାହିଁ, ୧୧ଟି ବ୍ଲକୱାରୀ ତାଲିକା ପ୍ରଦାନ କରିବେ କି, ଯେଉଁ ଗ୍ରାମକୁ ରାସ୍ତା ନାହିଁ କେଉଁ ବର୍ଷ ସୁଧା ସମସ୍ତ ଗ୍ରାମକୁ ରାସ୍ତା ନିର୍ମାଣ କରାଯିବ?

----

## ସହରାଞ୍ଚଳ ରାତ୍ରି ଆଶ୍ରୟସ୍ଥଳୀ ପରିଚାଳନା ଦାୟିତ୍ୱ

***169 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସହରାଞ୍ଚଳ ଗୁଡ଼ିକରେ ବାସହରାଙ୍କୁ ଶୀତ ଦାଉରୁ ରକ୍ଷା କରିବା ପାଇଁ ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି, କେଉଁ କେଉଁ ସହରରେ କେତୋଟି ଆଶ୍ରୟ ସ୍ଥଳ ରହିଛି, ରାତି ଆଶ୍ରୟ ସ୍ଥଳ ଗୁଡ଼ିକର ପରିଚାଳନା କିଏ କରୁଛି, ଆଶ୍ରୟ ସ୍ଥଳ ଗୁଡ଼ିକରେ ଗରିବ ଲୋକଙ୍କୁ ଅର୍ଥ ଦାବି କରି, ଶୋଷଣ କରାଯାଉଥିବା ଘଟଣା ସତ୍ୟ କି, କାହିଁକି ଓ କେଉଁ ପରିସ୍ଥିତିରେ ଗରିବ ଓ ଖଟି ଖିଆଙ୍କୁ ଶୋଷଣ କରାଯାଉଛି ?

----

## ମାଲକାନଗିରି ଜିଲ୍ଲାର ଜଙ୍ଗଲ ନଷ୍ଟ ହେବା

***170 ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମାଲକାନଗିରି ଜିଲ୍ଲାରେ ବିଗତ 5 ବର୍ଷ ମଧ୍ୟରେ ବିଭିନ୍ନ କାରଣରୁ କେତେ ପରିମାଣର ଏବଂ କେଉଁ କେଉଁ ସ୍ଥାନରେ ଜଙ୍ଗଲ ନଷ୍ଟ ହୋଇଛି, ଏହି ଅବଧି ମଧ୍ୟରେ କେଉଁ ସ୍ଥାନରେ କେତେ ବନିକରଣ କରି ପୂର୍ବସ୍ଥିତିକୁ ଫେରାଇ ଆଣିବା ପାଇଁ କରାଯାଇଥିବା ଯୋଜନା ଓ ସଫଳତାର ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ନିମ୍ନମାନର ବ୍ରିଜ୍ ନିର୍ମାଣ

***171 ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗ୍ରାମ୍ୟ ନିର୍ମାଣ ବିଭାଜନ, ଟିଟିଲାଗଡ ଅଧିନସ୍ଥ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ବଙ୍ଗୋମୁଣ୍ଡା ବ୍ଲକ ର ପଲସଖଣ୍ଡ ଶ୍ରୀରାମ ରାସ୍ତାରେ ୨୦୨୪-୨୫ ଆର୍ଥିକ ବର୍ଷରେ ମଂଜୁରି ପ୍ରାପ୍ତ ଏଚ୍.ଏଲ୍. ବ୍ରୀଜ୍ ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ସମ୍ବନ୍ଧେ ଅଂଚଳର ଲୋକେ ଅଭିଯୋଗ କରିଥିବାର ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଏପରିକି, ଅଂଚଳର ଜନ ପ୍ରତିନିଧି, ପଲସଖଣ୍ଡ ଗ୍ରାମର ଭଦ୍ରବ୍ୟକ୍ତି ମାନେ ସମ୍ପୃକ୍ତ ସମ୍ପାଦନକରୀ ସଂସ୍ଥାର ଠିକାଦାରଙ୍କୁ ସରକାରଙ୍କ ନିର୍ଦ୍ଧାରିତ ମାନଦଣ୍ଡକୁ ଅନୁସରଣକରି ନିର୍ମାଣ କାର୍ଯ୍ୟ କରିବାକୁ ବାରମ୍ବାର କହିଲେ ମଧ୍ୟ ସେ କିଛି ଶୁଣୁନାହାନ୍ତି, ଏଣୁ ଗ୍ରାମବାସୀ ଯେଉଁଠି ଅଭିଯୋଗ କଲେମଧ୍ୟ ତାଙ୍କର କିଏ କିଛି କରିପାରିବେ ନାହିଁ, ଏହାର ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତକରିବା ସହ କାର୍ଯ୍ୟର ମାନ ପରିକ୍ଷା କରିବାକୁ ପଦକ୍ଷେପ ନେବେ କି ?

----

## ଶ୍ରମିକ କାର୍ଡଧାରୀଙ୍କୁ ସୁବିଧା ପ୍ରଦାନ

***172 କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୟୁରଭଞ୍ଜ ଜିଲ୍ଲା ରେ ଶ୍ରମିକ ମାନଙ୍କ ପଞ୍ଜିକରଣ ପ୍ରକ୍ରିୟା ରେ କେତେ ଜଣ ଶ୍ରମିକ କାର୍ଡ ପାଇଛନ୍ତି, ଶ୍ରମିକ କାର୍ଡଧାରୀଙ୍କୁ କଣ ସୁବିଧା ସରକାରଙ୍କ ଠାରୁ ମିଳିଥାଏ, ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେଉଁ କେଉଁ ଶ୍ରମିକ କାର୍ଡଧାରୀଙ୍କୁ କଣ ସୁବିଧା ସରକାରଙ୍କର ଠାରୁ ମିଳିଛି ଗତ ୨ ବର୍ଷରେ ବ୍ଲକ ଓ ପଞ୍ଚାୟତ ୱାରୀ ତାଲିକା ଦେବା ସହ କେତେ ଜଣ ଶ୍ରମିକ କାର୍ଡ ବ୍ଲକ ଓ ପଞ୍ଚାୟତ ୱାରୀ ପାଇବାର ପାଇଁ ଅପକ୍ଷେରେ ଅଛନ୍ତି ?

----

## ପ୍ରତ୍ୟେକ GP ରେ ଶ୍ମଶାନ ଖୋଲିବା

***173 ଶ୍ରୀ ଶତୃଘନ ଜେନା (କାମାକ୍ଷାନଗର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପ୍ରତ୍ୟେକ GP ରେ ଗୋଟିଏ ଲେଖାଏଁ ଶ୍ମଶାନ ଖୋଲିବା ପାଇଁ ବ୍ୟବସ୍ଥା କରିବେ କି?

----

## କଟକ ସହରର ଜାଇକା ପ୍ରକଳ୍ପର ସ୍ଥିତି

***174 ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ସହରରେ ଜାଇକା ପ୍ରକଳ୍ପରେ କେଉଁ କେଉଁ ଅଞ୍ଚଳରେ ସ୍ୱେରେଜ ଲାଇନ କନେକସନ ହୋଇନାହିଁ ତାହାର ତାଲିକା ଦର୍ଶାଇ ସେହି ଅଞ୍ଚଳରେ ସ୍ୱେରେଜ ଲାଇନ ବଣ୍ଟାଇବା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି ଓ CMCର ୪୮ ଓ ୪୯ ନମ୍ବର ୱାର୍ଡ଼ରେ ସ୍ୱେରେଜ ଓ ଡ୍ରେନେଜ ପ୍ରକଳ୍ପର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଅଂଶୁପା ହ୍ରଦର ପୁନଃ ଖନନ

***175 ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅଂଶୁପା ହ୍ରଦର ଆୟତନ କେତେ ବର୍ଗ କିଲୋମିଟର ଥିବାବେଳେ ତନ୍ମଧ୍ୟରୁ କେତେ ଅଞ୍ଚଳ ପୋତିହୋଇ ପଡିଲାଣି ଏହାକୁ ପୁନଃ ଖନନ ତଥା ପଙ୍କୋଦ୍ଧାର କରିବା ସହ ମତ୍ସ୍ୟ ଚାଷ ଉପଯୋଗୀ କରିବା ସଙ୍ଗେ ଏଠାରେ ଉନ୍ନତ୍ତମାନର ପରିବେଶ ଓ ପର୍ଯ୍ୟଟନ ବିକଶିତ କରିବା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## Holistic rural development in Balangir

***176 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 1. Will the Government inform about the measures taken for holistic rural development in Balangir district, including pond renovation and water-harvesting initiatives, livelihood and skill

development programs for rural youth and the establishment of an agriculture college; & 2. What progress has been achieved so far in improving infrastructure, livelihoods, education and overall well-being of rural communities?

----

## ଅଣ ସଂଗଠନ ସଂସ୍ଥାରେ କାର୍ଯ୍ୟରତ ଶ୍ରମିକଙ୍କ ସୁରକ୍ଷା

***177 ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡା ଜିଲ୍ଲାରେ ଥିବା ଅଣ ସଂଗଠନ ସଂସ୍ଥାରେ କାମ କରୁଥିବା କର୍ମଚାରୀଙ୍କ ସୁରକ୍ଷା ପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି ଏବଂ ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ କଣ ସବୁ ପଦକ୍ଷେପ ଗତ ଆର୍ଥିକ ବର୍ଷ 2024-25, 2025-26 ରେ ନେଇଛନ୍ତି ?

----

## ବ୍ଲକରେ ଖାଲିଥିବା ପଦବୀ ପୂରଣ

***178 ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କ ପଂଚାୟତରାଜ ବିଭାଗରେ ବିଷମ କଟକ ନିର୍ବାଚନମଣ୍ଡଳୀର କେଉଁ କେଉଁ ବ୍ଲକରେ କେଉଁ କେଉଁ ବର୍ଗରେ କେତୋଟି ପଦବୀ ଖାଲିଅଛି, ଏହାଫଳରେ ଦୁଇଟି ବ୍ଲକର କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁନାହିଁ, ବିଶେଷ କରି ବ୍ଲକରେ ଆଜିକୁ ଦିର୍ଘ ଦିନ ହେବ ଆବଶ୍ୟକୀୟ ଜେ.ଇ. ନଥିବା ସରକାର ଅବଗତ ଅଛନ୍ତି କି, ଯଦି ହଁ, ତେବେ କେବେସୁଦ୍ଧା ସରକାର ପଦବୀ ପୂରଣ କରିବେ ?

----

## ଖଣ୍ଡପଡା ସହରାଞ୍ଚଳରେ ଡ୍ରେନେଜ ପରିଚାଳନା

***179 ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଖଣ୍ଡପଡା ସହରାଞ୍ଚଳରେ ସ୍ୱରେଜ, ଡ୍ରେନେଜ ଓ ଗାରବେଜ ପରିଚାଳନା ପାଇଁ କଣ କଣ ପଦକ୍ଷେପ ନିଆଯାଇଛି, ଏଥିପାଇଁ କେତେ ଟଙ୍କା ବ୍ୟୟ ବରାଦ କରାଯାଇଛି ଓ ତାହା କିପରି ଖର୍ଚ୍ଚ ହୋଇଛି ତାହାର ବିଷଦ ବିବରଣୀ ପ୍ରଦାନ କରିବେ କି, (ଖ) ବିଜ୍ଞାପିତ ଅଞ୍ଚଳର ପ୍ରତ୍ୟେକଟି ୱାର୍ଡ ଗୁଡିକୁ ସଂଯୋଗ ହୋଇଥିବା ରାସ୍ତା ଗୁଡିକର ରକ୍ଷଣା ବେକ୍ଷଣ ଓ ନବୀକରଣ ପାଇଁ ବସ୍ତି ସଂଯୋଗୀ କରଣ ଯୋଜନା ରେ ସାମିଲ ଅଛି କି ତାହାର ତଥ୍ୟ ପ୍ରଦାନ କରିବେ କି, ଏଥି ସହିତ ସହରାଞ୍ଚଳ ଅଧିନ ସୁନା ମୁହିଁ ପର୍ଯ୍ୟଟନ ସ୍ଥଳର ବିକାଶ ତଥା ସ୍ମାର୍ଟ ପାର୍କ ରୁପାନ୍ତରଣ ପାଇଁ ପଦକ୍ଷେପ ନେବେ କି ?

----

## ଇକୋ - ଟୁରିଜିମର ବିକାଶ

***180 ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଫୁଲବାଣୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଫୁଲବାଣୀ ବ୍ଲକର ପୁତୁଡି ଜଳପ୍ରପାତ, ଉର୍ମାଗଡ ଜଳପ୍ରପାତ, କାଟ୍ରାମାଲ, ଖଜୁରୀପଡା ବ୍ଲକର ପକୋଡାଝର ଜଳପ୍ରପାତ, ଫିରିଙ୍ଗିଆ ବ୍ଲକ ସୁମରବନ୍ଧ ପଞ୍ଚାୟତର କଟାଙ୍ଗି ଭଳି ବିଭିନ୍ନ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଗୁଡିକ ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବାରୁ ଏଥିପ୍ରତି ଆକର୍ଷିତ ହୋଇ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି, ଏହି ସ୍ଥାନ ଗୁଡିକରେ ଇକୋ-ଟୁରିଜିମର ବିକାଶ କରାଗଲେ ପର୍ଯ୍ୟଟକ ସଂଖ୍ୟା ଆହୁରି ବୃଦ୍ଧି ପାଇବା ସହ ପରିବେଶ ସୁରକ୍ଷିତ ରହିବ ଓ ସ୍ଥାନୀୟ ଅଞ୍ଚଳର ଲୋକୋଙ୍କ ଜୀବିକା ଓ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇପାରିବ, ଏହି ପର୍ଯ୍ୟଟନ ସ୍ଥଳୀ ଗୁଡିକରେ ଇକୋ-ଟୁରିଜିମର ବିକାଶ ପାଇଁ କିଛି ପଦକ୍ଷେପ ଗ୍ରହଣ କରିବେ କି ?

----